ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ପଢ଼ିହାରୀ ପାଠାଗାରରେ ଇ-ଲାଇବ୍ରେରୀ ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ ଆହରଣରେ ଅଧିକ ସହାୟ ହେବ-ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ

ଭୁବନେଶ୍ୱର, ୨୭ ଅଗଷ୍ଟ, ୨୦୧୯

ରାଜ୍ୟ ସୂଚନା ଓ ଲୋକସଂପର୍କ, ଜଳସଂପଦ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ପଢ଼ିହାରୀ ପାଠାଗାର ଓ ସୂଚନା କେନ୍ଦ୍ରକୁ ପରିଦର୍ଶନରେ ଆସିଥିଲେ । ମନ୍ତ୍ରୀ ପ୍ରଥମେ ପାଠାଗାରରେ ପହଞ୍ଚି ସ୍ୱାଧୀନତା ସଂଗ୍ରାମୀ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପାଠାଗାରରେ ଇ-ଲାଇବ୍ରେରୀ ପରିଦର୍ଶନ କରିବା ଅବସରରେ ସେଠାରେ ଥିବା ପିଲାମାନଙ୍କ ସହିତ ଆଲୋଚନା କରି ଇ-ଲାଇବ୍ରେରୀ ହେବା ଦ୍ୱାରା ସେମାନେ କିପରି ଉପକୃତ ହୋଇଛନ୍ତି ତାହା ଜାଣିବାକୁ ପାଇଥିଲେ ଏବଂ ପଢ଼ିହାରୀ ପାଠାଗାରରେ ଇ-ଲାଇବ୍ରେରୀ ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ ଆହରଣରେ ଅଧିକ ସହାୟତା ହେବ ବୋଲି କହିଥିଲେ । ଇ-ଲାଇବ୍ରେରୀ ମାଧ୍ୟମରେ ପାଠାଗାରର ସମସ୍ତ ତଥ୍ୟ ସଂଗୃହୀତ ହୋଇପାରିବା ସହିତ ଉତ୍ତରପିଢ଼ିମାନେ ମଧ୍ୟ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ।

ପରେ ମନ୍ତ୍ରୀ ଶ୍ରୀ ଦାସ ପାଠାଗାରର ମହିଳା ଶିଶୁ ବିଭାଗ, ସମ୍ବାଦପତ୍ର ପଠନ ଓ ଆଲୋଚନା କକ୍ଷ ତଥା ପୁସ୍ତକପୁସ୍ତିକା ବିଭାଗ ବୁଲି ଦେଖିବା ସହିତ ପାଠାଗାର ସଂପର୍କରେ ସମସ୍ତ ତଥ୍ୟ ଜାଣିବାକୁ ପାଇଥିଲେ । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଏକ ସମୀକ୍ଷା ବୈଠକ ଓ ଆଲୋଚନା ମାଧ୍ୟମରେ ପଢ଼ିହାରୀ ପାଠାଗାର ଓ ସୂଚନା କେନ୍ଦ୍ରକୁ ଅଧିକ ଉନ୍ନତ ମାନର ଲାଇବ୍ରେରୀ ଭାବେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କଟକରେ ଅବସ୍ଥିତ ଏହି ପାଠାଗାରର ଐତିହ୍ୟ ଓ ସ୍ୱତନ୍ତ୍ରତା ସାରା ଓଡ଼ିଶାରେ ରହିଛି ଓ ଏହି ପାଠାଗାରର ଯାହାକିଛି ସମସ୍ୟା ରହିଛି ତାହାର ସମାଧାନ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ପାଠାଗାରର ଆବଶ୍ୟକତା ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ପାଠାଗାରରେ ଥିବା ଏଲ୍.ଇ.ଡି ଭିଡିଓ ୱାଲ୍ ସଂପର୍କରେ ଜାଣି ଆବଶ୍ୟକ ମରାମତି ସହିତ ଖୁବ୍ ଶୀଘ୍ର ଏହାକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' କାର୍ଯ୍ୟଶୈଳୀ ସଂପର୍କରେ ଆଲୋଚନା କରି ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ ପଢ଼ିହାରୀ ପାଠାଗାରରେ ଏହାର ଉପଯୋଗ କରି ଇ-ଲାଇବ୍ରେରୀ ସମେତ ପାଠାଗାରର ସମସ୍ତ ବିଭାଗକୁ ପରିବର୍ତ୍ତିତ ଜ୍ଞାନକୌଶଳରେ ଉନ୍ନତ କରାଯିବ । ଜିଲ୍ଲାପାଳ ଶ୍ରୀ ଭବାନୀ ଶଙ୍କର ଚୟନୀ ଏହି ବୈଠକରେ ଯୋଗଦେଇ ପଢ଼ିହାରୀ ପାଠାଗାରରେ ଏକ ଟେଲିସ୍କୋପ ବ୍ୟବସ୍ଥା କରାଯିବ ବୋଲି କହିବା ସହିତ ପୂର୍ବରୁ ଏହି ପାଠାଗାର ଓ ସୂଚନା କେନ୍ଦ୍ରକୁ ଗୋପଦ ଅଭିଯାନରେ ଆସି ପାଠାଗାର ଓ ସୂଚନା କେନ୍ଦ୍ର କାର୍ଯ୍ୟ ସମ୍ବନ୍ଧରେ ଅନୁଧ୍ୟାନ କରିଥିଲେ । ସି.ଏମ୍.ସି କମିଶନର ଅନନ୍ୟା ଦାସ ଏହି ପାଠାଗାରରେ ସିଭିଲ ସର୍ଭିସ ତଥା ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଆବଶ୍ୟକ କୋଚିଂ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରିବା ସହିତ ଏଥି ପାଇଁ ଆବଶ୍ୟକ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଯୁଗ୍ମ ସଚିବ ଶ୍ରୀ ଶୁଭେନ୍ଦ୍ର କୁମାର ନାୟକ ଯୋଗଦେଇ ପାଠାଗାରର ଉନ୍ନତି ଏବଂ ଆବଶ୍ୟକ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ସୁକାନ୍ତ କୁମାର ପ୍ରଧାନ, ବିଭାଗୀୟ ଉପନିର୍ଦ୍ଦେଶକ(କେନ୍ଦ୍ରାଞ୍ଚଳ) ଶ୍ରୀ ପ୍ରମୋଦ ମଲ୍ଲିକ, ସୂଚନା ଅଧିକାରୀ ଶ୍ରୀ ପାଠାଣି ରାଉତ, ଅଭିରାମ ଦାସ, ବୁଦ୍ଧିଜୀବୀ, ପାଠାଗାରର ପାଠକପାଠିକା, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ଅଶୋକ କୁମାର ଷଡଙ୍ଗୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

ପଠାଣି ରାଉତ
ସୂଚନା ଅଧିକାରୀ